# NATIONAL NEWS BULLETIN (ODIA)

## 23rd June - 2024

## Evening Bulletin : 7.15 p.m.

*************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ।

— ଆସନ୍ତା ୨୭ରେ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି ।

- ବନ୍ୟା ଓ ବନାଗ୍ନି ହ୍ରାସ ପାଇଁ ସୁଦୃଢ଼ ନୀତି ପ୍ରସ୍ତୁତ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ପରାମର୍ଶ ।

- ପୁନଃ ବ୍ୟବହାରଯୋଗ୍ୟ ପ୍ରକ୍ଷେପଣ ଯାନ 'ପୁଷ୍ପକ'ର ସଫଳ ପରୀକ୍ଷଣ କଲା ଇସ୍ରୋ ।

- ନୀଟ୍-ୟୁ.ଜି. ଅନିୟମିତତା ମାମଲାରେ ସି.ବି.ଆଇ. ଯାଞ୍ଚ ଆରମ୍ଭ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ରାତି ୮ଟାରେ ମୁହାଁମୁହିଁ ହେବେ ଆମେରିକା ଓ ଇଂଲଣ୍ଡ ।

## ପାର୍ଲାମେଣ୍ଟ ସେସନ୍

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହି ଅଧିବେଶନ କାଳରେ ନବ ନିର୍ବାଚିତ ସଦସ୍ୟମାନେ ଶପଥ ନେବେ । ଅସ୍ଥାୟୀ ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବି.ଜେ.ପି.ର ସଦସ୍ୟ ଭର୍ତ୍ତୃହରି ମହତାବ ଏହି ଶପଥପାଠ କରାଇବେ । ଆସନ୍ତା ୨୬ ତାରିଖ ଦିନ ଲୋକସଭା ବାଚସ୍ପତି ନିର୍ବାଚନ ହେବ । ୨୭ ତାରିଖ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ରାଜ୍ୟସଭାର ଅଧିବେଶନ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ । ସଂସଦର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

## ପି.ଏମ୍. - ଶ୍ୟାମାପ୍ରସାଦ ମୁଖାର୍ଜୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶିଷ୍ଟ ଚିନ୍ତାନାୟକ ତଥା ଶିକ୍ଷାବିତ୍ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ

କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ମାତୃଭୂମିର ସେବାରେ ଡକ୍ଟର ମୁଖାର୍ଜୀ ନିଜର ଜୀବନକୁ ଉତ୍ସର୍ଗ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ତାଙ୍କର ଅନନ୍ୟ ବ୍ୟକ୍ତିତ୍ୱ ଦେଶର ପ୍ରତ୍ୟେକ ପୀଢ଼ିକୁ ପ୍ରେରଣା ପ୍ରଦାନ କରିବ ।

ସେହିପରି କେନ୍ଦ୍ରମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା ଡକ୍ଟର ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ କହିଛନ୍ତି ଶ୍ରୀ ମୁଖାର୍ଜୀ ଜଣେ ବିବିଧ ପ୍ରତିଭାର ଅଧିକାରୀ ଥିଲେ । ତାଙ୍କର ସମଗ୍ର ଜୀବନ ଦେଶପ୍ରେମ, ଶିକ୍ଷା ଏବଂ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ନିୟୋଜନ କରୁଥିଲେ ।ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ବିଜପି ମୁଖ୍ୟ କାର୍ଯ୍ୟାଳୟରେ ଶ୍ରୀ ନଡ୍ଡା ଚାରାବଣ୍ଟନ କରିଥିଲେ ।

## ଶାହା - ଫ୍ଲଡ୍

ସ୍ୱରାଷ୍ଟ୍ର ଓ ସହକାରିତା ମନ୍ତ୍ରୀ ଅମିତ୍ ଶାହା ଆଜି ନୂଆଦିଲ୍ଲୀରେ ବନ୍ୟା ନିୟନ୍ତ୍ରଣ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା ବନ୍ୟା ବିପତ୍ତି ହ୍ରାସ କରିବା ଲାଗି ଏକ ସୁଦୃଢ଼ ନୀତି ପ୍ରସ୍ତୁତି ଲାଗି କହିଛନ୍ତି । ଶ୍ରୀ ଶାହା ସିକ୍କିମ୍ ଏବଂ ମଣିପୁରରେ ଗତ କିଛିଦିନ ତଳେ ହୋଇଥିବା ବନ୍ୟା ଉପରେ ପ୍ରସ୍ତୁତ ରିପୋର୍ଟକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଅତି କମ୍‌ରେ ୫୦ଟି

ବୃହତ୍ ଆକାରର ପୋଖରୀ ଖନନ କରାଯିବା ଆବଶ୍ୟକ, ଯାହାଦ୍ୱାରା ବ୍ରହ୍ମପୁତ୍ର ନଦୀର ଜଳକୁ ସେହିସବୁ ପୋଖରୀରେ ସଂଗ୍ରହ କରାଯାଇପାରିବ । ଶ୍ରୀ ଶାହା କହିଛନ୍ତି, ସଂଗୃହୀତ ଜଳକୁ କୃଷି, ସିଞ୍ଚନ ବ୍ୟବସ୍ଥା ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ, ଯାହାଦ୍ୱାରା ସ୍ଥାନୀୟ ଅର୍ଥବ୍ୟବସ୍ଥାରେ ବିକାଶ ଘଟିବ ।

ଶ୍ରୀ ଶାହା ବନାଗ୍ନିକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଏବଂ ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ଏ ଦିଗରେ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଅନୁଷ୍ଠିତ ବୈଠକରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲ୍, ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ଦାସ, ସ୍ୱରାଷ୍ଟ୍ର ସଚିବ ଏବଂ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କର୍ଣ୍ଣାଟକ - ଇସ୍ରୋ

ଭାରତୀୟ ମହାକାଶ ଅନୁସନ୍ଧାନ ସଙ୍ଗଠନ - ଇସ୍ରୋ ପକ୍ଷରୁ ଆଜି ପୁନଃ ବ୍ୟବହାରଯୋଗ୍ୟ ପ୍ରକ୍ଷେପଣ ଯାନ 'ପୁଷ୍ପକ'ର ତୃତୀୟ ତଥା ଅନ୍ତିମ ପରୀକ୍ଷଣ କରାଯାଇଛି । ଏହି ପରୀକ୍ଷଣ ସଫଳ ହୋଇଥିବା ଇସ୍ରୋ ସୂଚନା ଦେଇଛି । ଆଜି ସକାଳେ କର୍ଣ୍ଣାଟକର ଚିତ୍ରଦୁର୍ଗାସ୍ଥିତ ଏରୋନୋଟିକାଲ୍ ଟେଷ୍ଟ ରେଞ୍ଜ୍‌ରେ

ଏହି ପରୀକ୍ଷଣ କରାଯାଇଥିଲା । ଏହି ଯାନର ସମସ୍ତ ବୈଷୟିକ ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟ କରୁଥିବା ଇସ୍ରୋ ପକ୍ଷରୁ କୁହାଯାଇଛି ।

ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଇସ୍ରୋର ଏହି ସଫଳତାକୁ ପ୍ରଶଂସା କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି, ଇସ୍ରୋର ନିରନ୍ତର ଉଦ୍ୟମ ମହାକାଶ ଗବେଷଣା କ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରୀୟ କରିପାରିଛି ।

## କାର୍ଗିଲ୍ ୱାର୍ ମେମୋରିଆଲ୍

କାର୍ଗିଲ୍ ଯୁଦ୍ଧର ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭାରତୀୟ ସେନା ପର୍ଯ୍ୟଟକଙ୍କ ପାଇଁ ଲଦାଖ୍‌ରେ ଖଲୁବର୍ ଯୁଦ୍ଧ ସ୍ମାରକୀ ଖୋଲିଛି । ଚଳତ ବର୍ଷ ଜୁଲାଇ ୨୬ରେ ଦେଶ କାର୍ଗିଲ୍ ବିଜୟ ଦିବସର ୨୫ତମ ବାର୍ଷିକୀ ପାଳନ କରିବାକୁ ଯାଉଛି ଏବଂ ଏହି ସମାରୋହ "ଫର୍ ଏଭର୍ ଇନ୍ ଅପରେସନ୍" ଡିଭିଜନ୍‌ର ପ୍ରାକ୍-କାର୍ଗିଲ୍ ବିଜୟ ଦିବସ ଉତ୍ସବର ଏକ ଅଂଶବିଶେଷ । ଏହି ଯୁଦ୍ଧ ସ୍ମାରକୀ ସଂଗ୍ରାମ କରି ପ୍ରାଣବଳି ଦେଇଥିବା ବୀର ଯବାନମାନଙ୍କ ସାହସିକତା ଏବଂ ବଳିଦାନକୁ ମନେ ପକାଇଦେଇଥାଏ ।

କାର୍ଗିଲ୍ ଯୁଦ୍ଧ ସମୟରେ ଶତ୍ରୁ ସେନା ସୀମା ନିକଟରେ ଥିବା ଖଲୁବର୍ ଉପତ୍ୟକାକୁ ଦଖଲ କରିଥିଲା । କ୍ୟାପ୍‌ଟେନ୍ ମନୋଜ ପାଣ୍ଡେଙ୍କ ସମେତ ଭାରତୀୟ ଯବାନମାନେ ଏହି ଅଞ୍ଚଳକୁ ପୁନରୁଦ୍ଧାର କରିଥିଲେ । ସେହି ବୀର

ଯବାନମାନଙ୍କ ସାହସିକ କାର୍ଯ୍ୟକୁ ଖଲୁବର୍ ଯୁଦ୍ଧ ସ୍ମାରକୀରେ ପ୍ରଦର୍ଶିତ କରାଯାଇଛି ।

## ସି.ବି.ଆଇ. - ନୀଟ୍ ଏକ୍ଜାମ୍

ନୀଟ୍-ୟୁ.ଜି. ମେଡିକାଲ୍ ପ୍ରବେଶିକା ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସି.ବି.ଆଇ. ଏତଲା ଦାଏର କରିଛି । ଶିକ୍ଷା ମନ୍ତ୍ରଣାଳୟର ଅଭିଯୋଗ ପରେ ଏହି ଏତଲା ଦାଏର କରାଯାଇଥିବା ସି.ବି.ଆଇ. କହିଛି । ଏହାଛଡ଼ା ଏହି ଘଟଣାରେ ଦେଶର ବିଭିନ୍ନ ସ୍ଥାନରେ ଦାଏର ହୋଇଥିବା ମାମଲାଗୁଡ଼ିକୁ ସି.ବି.ଆଇ. ନିଜ ଅଧୀନକୁ ଆଣି ଯାଞ୍ଚ୍ କରିବ ବୋଲି ଜଣାପଡ଼ିଛି ।

ଗତକାଲି ଶିକ୍ଷା ମନ୍ତ୍ରଣାଳୟ ନୀଟ୍-ୟୁ.ଜି. ପରୀକ୍ଷାରେ ହୋଇଥିବା ଅନିୟମିତତାର ଯାଞ୍ଚ୍ ପାଇଁ ସି.ବି.ଆଇ.କୁ ଦାୟିତ୍ୱ ଦେଇଥିଲା । ମନ୍ତ୍ରଣାଳୟ ପକ୍ଷରୁ ପରୀକ୍ଷାରେ ସ୍ୱଚ୍ଛତା ଏବଂ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ରକ୍ଷା ଲାଗି ସରକାର ପ୍ରତିବଦ୍ଧ ବୋଲି କୁହାଯାଇଛି । ଏହି ମାମଲାରେ ଯଦି କୌଣସି ବ୍ୟକ୍ତି କିମ୍ବା ସଙ୍ଗଠନ ସାମିଲ୍ ଥାଆନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

ଅନ୍ୟପକ୍ଷରେ ଦେଶରେ ହେଉଥିବା ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକରେ ଅନିୟମିତତା ରୋକିବା ଲାଗି ସ୍ୱତନ୍ତ୍ର ଅଧିନିୟମ ଲାଗୁ କରାଯାଇଛି ।

ଗତମାସ ୫ ତାରିଖରେ ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ନୀଟ୍-ୟୁ.ଜି. ପ୍ରବେଶିକା ପରୀକ୍ଷା ପରିଚାଳନା କରିଥିଲା । ଏହାର ଫଳ ପ୍ରକାଶ ପାଇବା ପରେ ପ୍ରଶ୍ନପତ୍ର ପ୍ରଘଟ ଏବଂ ଅନ୍ୟ କେତେକ ସମସ୍ୟା ନେଇ ଦେଶର ବିଭିନ୍ନ ସ୍ଥାନରେ ଅଭିଯୋଗ ହୋଇଥିଲା ।

## କନିଷ୍କ - ଜୟଶଙ୍କର

୧୯୮୫ ମସିହା ଆଜିର ଦିନରେ ଏୟାର୍ ଇଣ୍ଡିଆ ବିମାନ ୧୮୨ କନିଷ୍କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ ଶହ ଅଣତିରିଶି ଜଣ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଅଣଚାଳିଶ ବର୍ଷ ପୂର୍ବେ ଏହି ଘଟଣାରେ ମୃତୁବରଣ କରିଥିବା ଯାତ୍ରୀଙ୍କ ମଧ୍ୟରେ ୮୬ ଜଣ ଶିଶୁ ଥିଲେ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ଏହି ଘଟଣାକୁ ଆତଙ୍କବାଦ ଇତିହାସର ସବୁଠାରୁ ଦୁଃଖଦ ଘଟଣା ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ପୀଡ଼ିତଙ୍କ ପରିବାର ସହିତ ତାଙ୍କର ସମବେଦନା ରହିଛି । ଆତଙ୍କବାଦକୁ କେବେ ବି

ବରଦାସ୍ତ କରାଯିବା ଉଚିତ ନୁହେଁ ବୋଲି ଏହି ଘଟଣା ସ୍ମରଣ କରାଇଦେଉଥିବା ସେ କହିଛନ୍ତି ।

ସୂଚନାଯୋଗ୍ୟ, ୧୯୮୫ ଜୁନ୍ ୨୩ରେ ମଣ୍ଟ୍ରିଲ୍‌ରୁ ନୂଆଦିଲ୍ଲୀ ଆସୁଥିବା କନିଷ୍କ ବିମାନ ଲଣ୍ଡନର ହିଥ୍ରୋ ବିମାନ ବନ୍ଦରରେ ଅବତରଣ କରିବାର ୪୫ ମିନିଟ୍ ପୂର୍ବରୁ ବିସ୍ଫୋରଣରେ ଖଣ୍ଡ ବିଖଣ୍ଡ ହୋଇଯାଇଥିଲା । ଏହି ଘଟଣାରେ ଚଳିତ ବର୍ଷ ଜୁନ୍ ୨୨ରେ କାନାଡ଼ା ପୁଲିସ୍ କହିଛି, ଏହି ବୋମା ବିସ୍ଫୋରଣର ତଦନ୍ତ ଏବେ ମଧ୍ୟ ଜାରି ରହିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ସଂସଦର ପ୍ରଥମ ଅଧିବେଶନର ଅବ୍ୟବହିତ ପୂର୍ବରୁ ଆଜି ଆକାଶବାଣୀର ସମ୍ବାଦ ବିଭଗ ପକ୍ଷରୁ Issue Before Paliament ଏବଂ "ସଂସଦ କେ ସମର୍ଥ ମୁଦ୍ଦେ' ଶୀର୍ଷକ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ପ୍ରସାରିତ ହେବ । ରାତି ସାଢ଼େ ୯ଟାରୁ ୧୦ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ପ୍ରସାରଣ କରାଯିବ । Issue Before Paliament କାର୍ଯ୍ୟକ୍ରମ ଆକାଶବାଣୀ ରେନ୍‌ବୋ ଏବଂ ଅତିରିକ୍ତ ଫ୍ରିକୁଏନ୍ସି ମାଧ୍ୟମରେ ପ୍ରସାରିତ ହେବାକୁ ଥିବାବେଳେ "ସଂସଦ କେ ସମର୍ଥ ମୁଦ୍ଦେ' ଆକାଶବାଣୀ ଗୋଲଡ୍ ଏବଂ ଅତିରିକ୍ତ ଫ୍ରିକୁଏନ୍ସଂ ମାଧ୍ୟମରେ ପ୍ରସାରଣ କରାଯିବ । NEWS ON

AIR DOT COM ଏବଂ NEWS ON AIR OFFICIAL ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

## କୋଲ୍‌କାତା - ଏସ୍.ଟି.ଏଫ୍.

ପଶ୍ଚିମବଙ୍ଗ ପୁଲିସ୍‌ର ଏକ ସ୍ୱତନ୍ତ୍ର ଦଳ ସହାଦଓ ନାମକ ଏକ ଆତଙ୍କୀ ସଙ୍ଗଠନ ବିଷୟରେ ଜାଣିବାକୁ ପାଇଛି । ସହାଦଓ-ଏ-ଅଲ୍-ହିକ୍‌ମା ବାଂଲାଦେଶର ନିଷିଦ୍ଧ ଆତଙ୍କୀ ସଙ୍ଗଠନ ଅନ୍‌ସାର୍-ଅଲ୍-ଇସ୍‌ଲାମ୍‌ର ଏକ ଶାଖା ଏବଂ ସେହି ସଙ୍ଗଠନ ଅଲ୍-କାଏଦା ସହ ସମ୍ପୃକ୍ତ । ଗତକାଲି ସ୍ୱତନ୍ତ୍ର ଟାସ୍କ ଫୋର୍ସ ପଶ୍ଚିମ ବର୍ଦ୍ଧମାନ ଜିଲ୍ଲାର କାଙ୍କସା'ରୁ ସଙ୍ଗଠନର ମୁଖ୍ୟ କୁହାଯାଉଥିବା ଜଣେ ଛାତ୍ର ଏବଂ ଅନ୍ୟ ୫ ଜଣଙ୍କୁ ଗିରଫ କରିଛି । ସମ୍ପୃକ୍ତ ଛାତ୍ରଜଣକ କମ୍ପ୍ୟୁଟର ବିଜ୍ଞାନର ଦ୍ୱିତୀୟ ବର୍ଷରେ ପଢୁଥିବା ସୂଚନା ମିଳିଛି । ପୁଲିସ୍ ପକ୍ଷରୁ ପଚରା ଉଚରା ସମୟରେ ସମ୍ପୃକ୍ତ ଯୁବକ ଅନ୍ୟ ୫ ଜଣଙ୍କ ବିଷୟରେ ସୂଚନା ଦେଇଥିଲା । ବିଭିନ୍ନ ଧାରାରେ ପୁଲିସ୍ ପକ୍ଷରୁ ମାମଲା ରୁଜ୍ଜୁ କରାଯାଇଥିବାବେଳେ ଦୁର୍ଗାପୁରର ଏକ ଅଦାଲତ ସେମାନଙ୍କୁ ୧୪ ଦିନିଆ ପୁଲିସ୍ ହେପାଜତ୍‌କୁ ପଠାଇଛନ୍ତି ।

## ବି.ଜେ.ପି. - ହୁଚ୍ ଟ୍ରାଜେଡ଼ି

ତାମିଲ୍‌ନାଡୁରେ ଘଟିଥିବା ବିଷାକ୍ତ ମଦ୍ୟପାନ ଜନିତ ଘଟଣା ନେଇ ବି.ଜେ.ପି.' ଡି.ଏମ୍.କେ. ଏବଂ ଇଣ୍ଡିଆ ମେଣ୍ଟକୁ ସମାଲୋଚନା କରିଛି । ଆଜି ନୂଆଦିଲ୍ଲୀରେ ବି.ଜେ.ପି. ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ତାମିଲ୍‌ନାଡୁର କରୁଣାପୁରମ୍‌ରେ ଘଟିଥିବା ବିଷାକ୍ତ ମଦ୍ୟପାନ ଜନିତ ଘଟଣା ଅତ୍ୟନ୍ତ ଚିନ୍ତାଜନକ । ସେ କହିଛନ୍ତି, ଏଥିରେ ୫୬ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ଅନେକ ଲୋକ ଗୁରୁତର ହୋଇଛନ୍ତି । ଶ୍ରୀ ପାତ୍ର କହିଛନ୍ତି, ଏହି ଘଟଣାରେ କଂଗ୍ରେସ୍ ଏବଂ ଇଣ୍ଡିଆ ମେଣ୍ଟର ନେତାମାନେ ନିରବ ରହୁଛନ୍ତି ।

## କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ଭାରତୀୟ ସମୟ ରାତି ୮ଟାରେ ବ୍ରିଜ୍‌ଟାଉନ୍‌ର କିଙ୍ଗ୍‌ଷ୍ଟନ ଓଭାଲଠାରେ ଆମେରିକା ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ ।

ଆଜି ସକାଳେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଆଫଗାନିସ୍ତାନ’ ଅଷ୍ଟ୍ରେଲିଆକୁ ୨୧ରନ୍‌ରେ ପରାସ୍ତ କରିଛି । ଅଷ୍ଟ୍ରେଲିଆ ପ୍ରଥମେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୪୮ ରନ୍ ସଂଗ୍ରହ କରିଥିଲା । ତେବେ ଅଷ୍ଟ୍ରେଲିଆ ୧୯ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୭ରନ୍ କରିବାକୁ ସକ୍ଷମ ହୋଇଥିଲା । ଆଫଗାନିସ୍ତାନ ଅଲ୍‌ରାଉଣ୍ଡର ଗୁଲବାଦିନ ନଏବ ୪ଟି ମୂଲ୍ୟବାନ ୱିକେଟ୍ ନେଇ ପ୍ଲେୟାର ଅଫ୍ ଦ ମ୍ୟାଚ୍ ଘୋଷିତ ହୋଇଥିଲେ ।

*****